# Chapter-10

# କଟକ ସହର

**STUDY NOTES**

## MIND MAP



ହଜାର ବର୍ଷର ପ୍ରାଚୀନ ସହର କଟକ । ଏଠି ମୁକୁନ୍ଦ ଦେବଙ୍କ ରାଜଧାନୀ ଥିଲା । ଏଠି ବାରବାଟୀ ଦୁର୍ଗଟିଏ ରହିଛି । ଏଠାରେ ଗଡ଼ଚଣ୍ଡୀ ମନ୍ଦିର ଶୋଭାପାଉଛି । ଦୁଇପାଖରେ ମହାନଦୀ ଓ କାଠଯୋଡ଼ି ନଦୀ ବହିଯାଉଛି । ବାରବାଟୀ ଷ୍ଟାଡ଼ିୟମ, ହାଇକୋର୍ଟ, ଗୁରୁଦ୍ୱାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ଆକାଶବାଣୀ, କଳାବିକାଶ କେନ୍ଦ୍ର ଓ କାଠ ଯୋଡ଼ି ବନ୍ଧକୁ ନେଇ ଅଭିନବ କଟକ ରହିଛି । ମହାନଦୀ କୂଳରେ ବାଲିଯାତ୍ରା ପଡ଼ିଆ ଅଛି । ଏହି ପଡ଼ିଆରେ ବାଲିଯାତ୍ରା ମହାସମାରୋହରେ ପାଳନ କରାଯାଏ । ବିଭିନ୍ନ ପ୍ରକାର ଖେଳ ବାରବାଟୀ ଷ୍ଟାଡ଼ିୟମରେ ହୋଇଥାଏ । ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ସାହିତ୍ୟ ସଭା ହୁଏ । ରୂପାର ତାରକସି କାମ ପାଇଁ କଟକ ପ୍ରସିଦ୍ଧ । ଏହି ସହରରେ ସବୁଠାରୁ ପ୍ରାଚୀନ ରେଭେନ୍ସା ସାହେବଙ୍କ ଦ୍ୱାରା ପ୍ରତିଷ୍ଠିତ ରେଭେନ୍ସା କଲେଜ ଅଗଣିତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିଆସୁଛି । କଟକ ବାଣିଜ୍ୟର କେନ୍ଦ୍ରବିନ୍ଦୁ । କଟକକୁ ସମସ୍ତଙ୍କର ଭାତହାଣ୍ଡି ବୋଲି କୁହାଯାଏ । ଓଡ଼ିଶା ବଜାରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମଗ୍ରହଣ କରିଥିଲେ । ଉଚ୍ଚ ନ୍ୟାୟାଳୟ, ରାଧାନାଥ ଟ୍ରେନିଂ ସ୍କୁଲ କଟକର ଅଙ୍ଗପରି । କଟକ ସହର ବାଉନ ବଜାର ତେପନ ଗଳିର ସହର । କଟକ ସହର ଓଡ଼ିଶାର ଅତୀତ ଗୌରବର ମୂକ ସାକ୍ଷୀ ରୂପେ ହଣ୍ଡାୟମାନ ।

ODM EDUCATIONAL GROUP
Changing your Tomorrow